ଖବର

- ମୁଖ୍ୟ ଖବର
- ଆଞ୍ଚଳିକ
- ଜାତୀୟ
- ଆନ୍ତର୍ଜାତୀୟ
- ବିଜ୍ଞାନ
- ଖେଳ
- ପାଣିପାଗ
- ସ୍ୱାସ୍ଥ୍ୟ
- ସମ୍ପାଦକୀୟ
- ସମ୍ପାଦକଙ୍କୁ ପତ୍ର

ରବିବାର

- ସ୍ୱତନ୍ତ୍ର ପ୍ରସଙ୍ଗ
- କଳା ଓ ସଂସ୍କୃତି
- କଲକାତା କିଛି କଥା
- ଦିଲ୍ଲୀ ଦରବାର

Classified

- Matrimonials
- Appointments

- Entertainment
- Subscriptions
- Advertisements

## ଜାତୀୟ ବିଜ୍ଞାନ ସଂସ୍ଥା ଓଡ଼ିଶାରୁ ଉଠାଇ ନିଆଯିବା ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ମାମଲା

କଟକ (କ.ପ୍ର)-ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥାକୁ ଭୁବନେଶ୍ୱରରୁ କଲିକତାକୁ ଉଠାଇ ନେବାକୁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତିକୁ ବିରୋଧ କରି ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରାଯାଇଛି । 'ରାଜ୍ୟ ଜନସ୍ୱାର୍ଥ ସୁରକ୍ଷା ପରିଷଦ' ନାମକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ପ୍ରଶାନ୍ତକୁମାର ଦାସ ଏହି ମାମଲାଟି ରୁଜୁ କରିଛନ୍ତି । ଭୁବନେଶ୍ୱରରେ ୧୦୦ କୋଟି ଟଙ୍କା ବ୍ୟୟରେ ବାଙ୍ଗାଲୋରର ଜାତୀୟ ବିଜ୍ଞାନ ସଂସ୍ଥା ଢ଼ାଞ୍ଚାରେ ଏକ ମର୍ଯ୍ୟାଦାପୂର୍ଣ୍ଣ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଲାଗି ପୂର୍ବ ସରକାର ନିଷ୍ପତ୍ତି ନେଇଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟରେ ଏହି ସଂସ୍ଥାକୁ କଲିକତା ଉଠାଇ ନେବା ପାଇଁ ବର୍ତ୍ତମାନର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଆବେଦନକାରୀ ପିଟିସନରେ ଉଲ୍ଲେଖ କରିଛନ୍ତି । ପୂର୍ବ ସରକାର ଭୁବନେଶ୍ୱର, ପୁଣେ, ଆଲାହାବାଦ, ଚେନ୍ନଇରେ ଏହିଭଳି ୪ଟି ଶିକ୍ଷାନୁଷ୍ଠାନ ଖୋଲିବା ସକାଶେ ନିଷ୍ପତ୍ତି ନେଇଥିଲେ । ଏହି ପ୍ରସ୍ତାବିତ ଜାତୀୟ ବିଜ୍ଞାନ ସଂସ୍ଥା ପାଇଁ ବାଣୀବିହାର ନିକଟରେ ୭୫ ଏକର ଜମି ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସହମତି ପ୍ରକାଶ କରିଥିଲେ । ମାତ୍ର ସରକାର ବଦଳିବା ପରେ ଏହି ସଂସ୍ଥାକୁ କଲିକତା ଉଠାଇ ନେବାକୁ ନିଆଯାଇଥିବା ନିଷ୍ପତ୍ତି ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ଭାବ ବୋଲି ଆବେଦନକାରୀ ପିଟିସନରେ ଦର୍ଶାଇଛନ୍ତି । ବାମପନ୍ଥୀ ଦଳର ଚାପରେ ଏଭଳି ଦୁର୍ଭାଗ୍ୟଜନକ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି । ଏହି ନିଷ୍ପତ୍ତିକୁ ରଦ୍ଦ କରିବା ପାଇଁ ଏବଂ ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ସଂସ୍ଥାକୁ ନଉଠାଇବା ପାଇଁ ପିଟିସନରେ ନିବେଦନ କରାଯାଇଛି । ଆଇନଜୀବୀ ମଧୁସୂଦନ ପଣ୍ଡାଙ୍କ ଦ୍ୱାରା ମାମଲାଟି ରୁଜୁ କରାଯାଇଛି ।



Ph







The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)